**କୃଷି ସୂଚନା ସେବା (ଧାନ)**

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ**

## ୨୦୧୭ ମସିହା ଜୁଲାଇ ମାସ ଦ୍ଵିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

**<u>ସିଧା ବୁଣାଧାନ:</u>**

- ଗଭୀର ଓ ସ୍ଵଳ୍ପଗଭୀର ଜଳମଗ୍ନ ଅଞ୍ଚଳରେ ୭ ରୁ ୧୦ ସେ.ମି. ଠିଆପାଣି ଜମିଥିବା ସ୍ଥାନ, ଯେଉଁଠାରେ ଘାସ ବଛା ଯାଇନଥିବ, ସେହିଠାରେ ବେଉଷଣି କରନ୍ତୁ ଏବଂ ଏକର ପିଛା ୧୮ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

- ବର୍ଷାଶ୍ରୀତ ସ୍ଵଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ ଏବଂ ୨,୪ D ସୋଡିୟମ୍ ଲୁଣ ୮୦WP@ ୦.୫ କି.ଗ୍ରା./ଏକର ହିସାବରେ ଧାଡି ବୁଣା ସ୍ଥାନରେ ପ୍ରୟୋଗ କରି ଚଉଡା ପତ୍ର ବାଳୁଙ୍ଗା ଓ ଅନାବନା ଘାସକୁ ଦମନ କରନ୍ତୁ । ପିଲସାର ହିସାବରେ ଏକ ତୃତୀୟାଂଶ ଯବକ୍ଷାରଜାନ ସାର(୧୪ କି.ଗ୍ରା. ୟୁରିଆ/ଏକର) ପ୍ରୟୋଗ କରନ୍ତୁ ।

- ବର୍ଷାଶ୍ରୀତ ଉଚ୍ଚାଜମି ଯେଉଁଠି ଘାସ ମରା ଔଷଧ ପ୍ରୟୋଗ କରାଯାଇନାହିଁ ସେଠାରେ ପ୍ରଥମେ ହାତରେ କିମ୍ବା ଅଙ୍ଗୁଳି ଘାସ ମରା ଯନ୍ତ୍ର ବ୍ୟବହାର କରି ଘାସ ବାଛନ୍ତୁ । ଏକ ତୃତୀୟାଂଶ ଯବକ୍ଷାରଜାନ (୧୨ କି.ଗ୍ରା. ୟୁରିଆ/ଏକର) ପିଲସାର ଭାବେ ପ୍ରୟୋଗ କରନ୍ତୁ ।

<u>ରୁଆ ଧାନ</u>:

- ଜୁଲାଇ ମାସର ଦ୍ଵିତୀୟ ପକ୍ଷ ବେଳକୁ ତଳିଘରା କାମ ସଂପୂର୍ଣ୍ଣ ହେବା ଦରକାର ।

- ପୂର୍ବରୁ ଗଜାହୋଇଥିବା ଧାନକୁ ଆର୍ଦ୍ରତଳିଘରା କରି ବୁଣି ଦିଅନ୍ତୁ । ୩୨୦ ବର୍ଗମିଟର ତଳିଘରାକୁ ଭଲଭାବେ କାଦୁଅ ଏବଂ ସମତୁଲ କରି ୧୮ ରୁ ୨୦ କି.ଗ୍ରା. ହିସାବରେ ଧାନ ବିହନ ବୁଣନ୍ତୁ ଏବଂ ଏକର ପିଛା ୪ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ତଳିଘରାରେ ପ୍ରୟୋଗ କରନ୍ତୁ ।

- ଜଳସେଚିତ ମଧ୍ୟମ ଜମି ଏବଂ ସ୍ଵଳ୍ପଖାଲୁଆ ଜମିରେ ଧାନ ରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇବା ପାଇଁ ମଶିଣା ତଳିଘରା ପ୍ରସ୍ତୁତ କରନ୍ତୁ । ପଲିଥିନ୍ କୁ ସମାନ ଭାବେ ପକାଇ ଏହା ଉପରେ ୨୪X୪୦ ସେ.ମି.ର ଏକ କାଠ ଛାଞ୍ଚ ରଖନ୍ତୁ । ଛାଞ୍ଚର ଦୁଇ ତୃତୀୟାଂଶ ଗୁଣ୍ଡ ମାଟି ଭରନ୍ତୁ । ପ୍ରତି ଛାଞ୍ଚ ଘରାରେ ୧୨୫ ଗ୍ରାମ୍ ଧାନ ବିହନକୁ

ରୁଟେକ୍ସ @ ୩ ଗ୍ରାମ୍ ପ୍ରତି କି.ଗ୍ରା. ବିହନ ହିସାବରେ ମିଶାଇ ବୁଣନ୍ତୁ । ବୁଣିସାରିବା ପରେ ମଞ୍ଜିକୁ ଗୁଣ୍ଡମାଟିର ଏକ ଚତୁର୍ଥାଂଶ ଦ୍ୱାରା ଘୋଡାଇ ଦିନେ ଛାଡି ଦିନେ ହିସାବରେ ଜଳସେଚନ କରନ୍ତୁ । ଏହା ଫଳରେ ୧୪-୧୫ ଦିନ ମଧ୍ୟରେ ତଳି ପ୍ରସ୍ତୁତ ହୋଇଯାଇଥାଏ । ଏକର ଜମି ପାଇଁ ୩୨ ଟି ଏହିପରି ତଳି ମସିଣା ଆବଶ୍ୟକ ହୋଇଥାଏ ।

❖ ବାଲୁଙ୍ଗା ଦମନ ପାଇଁ ୮୦୦ ବର୍ଗମିଟର ତଳିଘରାରେ ୧୩୦ ମି.ଲି. ପ୍ରେଟିଲାକ୍ଲୋର ୫୦ EC କିମ୍ବା ପାଇରାଜୋନ୍ ସଲଫ୍ୟୁରାନ୍ ଇଥାଇଲ ୧୦% DF ୧୬ ଗ୍ରାମ୍ ହିସାବରେ ସିଞ୍ଚନ କରନ୍ତୁ ।

❖ ଧଣିଚା ଗଛ ୪୦ ରୁ ୪୫ ଦିନର ହୋଇଗଲା ପରେ ଫୁଲହେବା ପୂର୍ବରୁ ୧୫ ସେ.ମି. ଗଭୀରରେ ସବୁଜସାର ଟ୍ରାମ୍ପ୍ ଲର ବା ଟ୍ରାକ୍ଟର ସାହାଯ୍ୟରେ ସେହି ଜାଗାରେ ଦଳିଚକଟି ପୋତି ଦିଅନ୍ତୁ ।

❖ ସମାନ ଭାବରେ ଗଛ ବଢ଼ିବା ପାଇଁ ଜମିକୁ ସମତୁଲ କରି ୭ ରୁ ୧୦ ଦିନ ଅନ୍ତରରେ କାଦୁଅ କରନ୍ତୁ । ଭଲଭାବରେ ପଚିଯାଇଥିବା ଗୋବର ଖତକୁ ଜମିକୁ କାଦୁଅ କଲା ପରେ ଏକର ପିଛା ଦୁଇ ଟନ୍ ହିସାବରେ ପ୍ରୟୋଗ କରନ୍ତୁ ।

❖ ଏକ ତୃତୀୟାଂଶ ଯବକ୍ଷାରଜାନ ସାର ( ୧୪ କି.ଗ୍ରା. ୟୁରିଆ/ଏକର) ଏବଂ ସଂପୂର୍ଣ୍ଣ ମାତ୍ରାର ଫସଫରସ୍ ଓ ପଟାସ୍ (୪୪ କି.ଗ୍ରା. ଡି.ଏ.ପି. ଓ ୩୪ କି.ଗ୍ରା. ଏମ.ଓ.ପି.) ମୂଳସାର ଭାବରେ ବିଲରେ ଅଳ୍ପ ପାଣିରଖି ପ୍ରୟୋଗ କରନ୍ତୁ ।

❖ ରୋଇବାର ପ୍ରଥମ ଅବସ୍ଥାରେ ଗଛକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ୨୫-୩୦ ଦିନରେ ତଳିକୁ ଉପାଡି ସାରିବା ପରେ କ୍ଲୋରୋପାଇରିଫସ ଦ୍ରବଣରେ (୧ ମି.ଲି./ଲିଟର) ପାଣି ବୁଡାଇ ରୁଅନ୍ତୁ ।

❖ ପ୍ରତି ବୁଦାରେ ୨-୩ ଟି ହିସାବରେ ତଳି ୨୦X୧୫ ସେ.ମି. ବ୍ୟବଧାନରେ ରୋଇଦିଅନ୍ତୁ । ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧-୨ ସେ.ମି. ଠିଆ ପାଣି ବିଲରେ ରଖନ୍ତୁ ।

❖ ରୁଆଧାନରେ ବାଲୁଙ୍ଗା ଦମନ ପାଇଁ ବେନସଲଫୁରନ୍ ମିଥାଇଲ ୦.୬% ସହିତ ପ୍ରିଟିଲାକ୍ଲୋର ୬% GR ୧:୧ ଅନୁପାତରେ ମିଶାଇ ୪ କି.ଗ୍ରା./ଏକର ରୋଇବାର ୩ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

******